ଟି.ଏନ୍ ଗୋଦାବର୍ମଣ ଥିରୁମୁଲପଦ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ମେ 1, 2000

[ବି.ଏନ୍ କିରପାଲ୍, ଭି.ଏନ୍ ଖାରେ ଏବଂ ଏମ୍. ବି. ଶାହା, ନ୍ୟାୟାଧୀଶବୃନ୍ଦ ]

*ପରିବେଶ ଆଇନ:*

*ଜଙ୍ଗଲର ସୁରକ୍ଷା ଏବଂ ସଂରକ୍ଷଣ- ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି- କାଠରୁ ପତଳା ପଟା ଆଦାୟ କରୁଥିବା ପ୍ରତିଷ୍ଠାନ ଉପରେ ଅତ୍ୟଧିକ ଉତ୍ପାଦନ ପାଇଁ ଜରିମାନା- ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ଗୃହୀତ ମାନଦଣ୍ଡ- ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ମୂଳତଃ ଲାଗୁ କରାଯାଇଥିବା ଜୋରିମାନା ଠାରୁ ଅଧିକ ଜୋରିମାନା ଲାଗୁ କରିବାକୁ ହକଦାର, ଯେପର୍ଯ୍ୟନ୍ତ ଏହି ଜୋରିମାନା ଉପସ୍ଥାପିତ ନଥି ଉପରେ ଆଧାରିତ- ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ନଥି ଯାଞ୍ଚ କରିବାକୁ ଏବଂ ପ୍ରତ୍ୟେକ ମାମଲାରେ ଆଦେଶ ପାରିତ କରିବାକୁ ହକଦାର ଯାହାର ଦସ୍ତାବିଜ ଏବଂ ସାମଗ୍ରୀ 15.1.1998 ପୂର୍ବରୁ ପ୍ରସ୍ତୁତ କରାଯାଇଥିଲା- ସମ୍ପୃକ୍ତ ପ୍ରତିଷ୍ଠାନ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ଏହା ଉପରେ ଲାଗୁ ହୋଇଥିବା ଜୋରିମାନା/ ଅତିରିକ୍ତ ଜରିମାନାର ପୁନର୍ବିଚାର ପାଇଁ ଏହା ନିକଟକୁ ଯିବାକୁ ହକଦାର- ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟ ସମ୍ପାଦନ କରିବା ସମୟରେ, ଏହା ଦ୍ୱାରା ପାରିତ ଆଦେଶ ସମର୍ଥନରେ କାରଣ ଗୁଡିକୁ ସଂକ୍ଷେପରେ ଦର୍ଶାଇବ ।*

*ଟି. ଏନ୍. ଗୋଦାବର୍ମଣ ଥିରୁମୁଲପଦ ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1998]* 1 **ଏସ୍.ସି.ଆର୍ 211, ମାମଲାର ସଂଶୋଧିତ ଆଦେଶ ।**

*ଟି. ଏନ୍. ଗୋଦାବର୍ମଣ ଥିରୁମୁଲପଦ ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1997]* **2 ଏସ. ସି. ସି. 267, ମାମଲା ଉଲ୍ଲେଖ କରାଯାଇଛି ।**

ମୂଳ ଦେୱାନୀ ଅଧିକାରିତା: I.A. ସଂଖ୍ୟା 565/2000 ।

ରେ

ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 202/1995 ।

(ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ)

ହରିଶ ଏନ. ସାଲଭେ, ସଲିସିଟର ଜେନେରାଲ (ଏସି), ମୁକୁଲ ରୋହତଗୀ, କେ. ଏନ. ରାୱଲ, ଅଲତାଫ ଅହମ୍ମଦ, ଅତିରିକ୍ତ ସଲିସିଟର ଜେନେରାଲ, ଅନିଲ ବି. ଦିୱାନ, କପିଲ ସିବଲ, ପି. ଚିଦାମ୍ବରମ, ଦୀପଙ୍କର ଗୁପ୍ତା, ଜି. ଏଲ. ସାଙ୍ଘୀ, ଏମ୍. ସି. ଭାଣ୍ଡାରେ, ଭି. ଏ. ମୋହତା, ଏମ୍. ଏନ୍. ରାଓ, ଭି. ଆର୍. ରେଡ୍ଡୀ, କେ. କେ. ଭେନୁଗୋପାଳ, ଡ. ରାଜୀବ ଧାୱନ, ଜୟନ୍ତ ଦାସ, ୟୁ. ୟୁ. ଲଳିତ, (ଏସି), ମହେନ୍ଦ୍ର ବ୍ୟାସ, ପି. କେ. ମନୋହର, ଏ. ଡି. ଏନ୍. ରାଓ, ଏସ୍. ୱାସିମ ଏ. କାଦରୀ, ହେମନ୍ତ ଶର୍ମା, ଏସ. କେ. ଦ୍ୱିବେଦୀ, ପି. ପରମେଶ୍ୱରନ, ସୁଶ୍ରୀ ଅନିଲ କଟିୟାର, ବି. ଭି. ବଳରାମ ଦାସ, (ସୁଶ୍ରୀ ସୁଷମା ସୁରୀ), (ଏନ. ପି.), ରାଜୀବ ନନ୍ଦା, ବି. କେ. ପ୍ରସାଦ, ରାଜୀବ ତ୍ୟାଗୀ, ଅନିପ ସଚଥେ, ଅନୁପମ ଲାଲ ଦାସ, ସୁଶ୍ରୀ ସନ୍ଧ୍ୟା ରାଜପାଲ, ଅରିଜିତ ପ୍ରସାଦ, ଏସ. କେ. ଅଗ୍ନିହୋତ୍ରୀ, ରାଜେନ୍ଦ୍ର ସିଂଭି, ଶ୍ରୀମତୀ ଯୋଗମାୟା, ବିବେକ ତନଖା, ସୁଶ୍ରୀ ମଧୁର ଦଦଲାନୀ, ରାକେଶ କେ. ଶର୍ମା, ସି. ମୁଖୋପଧ୍ୟାୟ, ମନୀଷ କୁମାର, ମନୋଜ ଶର୍ମା, ଗୋପାଳ ଜୈନ, ସୁଶ୍ରୀ ନନ୍ଦିନୀ ଗୋରେ, କେ. ଭି. ବିଶ୍ୱନାଥନ, କେ. ଭି. ବିଜୟ କୁମାର ଚୌହାନ, ରବି ପ୍ରକାଶ ଗୁପ୍ତା, ପ୍ରଶାନ୍ତ ଭୂଷଣ, ବି. ଏସ୍. ବଛିଆ, ଟି. ଏସ୍. ଚୌଧୁରୀ, ବି. ଆର୍. ଅତ୍ରେ, ହିମାଂଶୁ ଶେଖର, ଭି. ଜେ. ଫ୍ରାନ୍ସିସ୍, ଏମ୍. ଏଲ୍. ଲାହୋଟି, ପି. କେ. ଶର୍ମା, ଅଶୋକ କେ. ଗୁପ୍ତା, ଫାରୁଖ ରସିଦ, ଅନୀଲ ଶ୍ରୀବାସ୍ତବ, (ମେସର୍ସ ଏଲ୍. ପି. ଅଗରୱାଲା ଆଣ୍ଡ କୋ., ସାକେଶ କୁମାର, ଉମା ନାଥ ସିଂହ, ସଞ୍ଜୟ ଆର୍. ହେଜ୍, ସତ୍ୟ ମିତ୍ର, ନରେଶ କେ. ଶର୍ମା, ସୁଶ୍ରୀ ସନ୍ଧ୍ୟା ଗୋସ୍ୱାମୀ, ଏ. ମାରିୟାରପୁଥମ, ସୁଶ୍ରୀ ଅରୁଣା ମାଥୁର, ଅନୁରାଗ ଡି. ମାଥୁର, ବି. ସୁଶ୍ରୀ ହେମନ୍ତିକା ୱାହି, ଅଶୋକ ମାଥୁର, ମହାବୀର ସିଂହ, ଏସ୍. ଏସ୍. ସିନ୍ଦେ, ଏସ୍. ଭି. ଦେଶପାଣ୍ଡେ, ଆର୍. କେ. ମେହେଟ୍ଟା, ଗୋପାଳ ସିଂହ, ଆର୍. ବି. ମିଶ୍ର, ଏସ୍. ଏସ୍. ସମଶେରୀ, କେ. ବି. ରୋହତଗୀ, ସୁଶ୍ରୀ ଅପର୍ଣ୍ଣା ରୋହତଗୀ ଜୈନ, ମହେଶ କସାନା, ଭି. ଜି. ପ୍ରଗସମ, ରଞ୍ଜନ ମୁଖାର୍ଜୀ, ସୁଶ୍ରୀ ବିନୁ। ତମ୍ତା, ଡି. ଏସ୍. ମେହେରା, ୱାଇ. ପି. ମହାଜନ, ପି. ଏସ୍. ନରସିଂହ, କେ. ରାଘବାଚାର୍ଯ୍ୟୁଲୁ, ପି. ଶ୍ରୀଧର, କେ. ଏନ୍. ଝା, ମନୋଜ ସ୍ୱରୂପ, ସଞ୍ଜୟ କପୁର, ସୁନୀଲ କେ. ଜୈନ, ଦବିନ୍ଦର ସିଂହ, ଏସ୍. ସୁକୁମାରନ, ଏମ୍. ସି. ଭଣ୍ଡାରି, ଆର୍. ପି. ଗୁପ୍ତା, ମୁକୁଲ୍ ରୋହତଗୀ, ସୁଶ୍ରୀ ବୀନା ପ୍ରକାଶ ଏବଂ ଉଜ୍ଜ୍ୱଳ ବାନାର୍ଜୀ ପକ୍ଷ ମାନଙ୍କ ପାଇଁ ଉପସ୍ଥିତ ଥିଲେ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ନ୍ୟାୟାଳୟ ଦ୍ୱାରା ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର କାର୍ଯ୍ୟକାରିତା ସମ୍ପର୍କରେ ସ୍ପଷ୍ଟୀକରଣ ମାଗୁଥିବା ଏହି ଆବେଦନ ବିଦ୍ୱାନ ନ୍ୟାୟ ମିତ୍ରଙ୍କ ଦ୍ୱାରା ଦାଖଲ କରାଯାଇଥିଲା ।

ପ୍ରଥମ ସ୍ପଷ୍ଟୀକରଣ ଯାହା ମଗାଯାଇଛି ତାହା ହେଉଛି ଯେ ପ୍ରତିଷ୍ଠାନ ଗୁଡ଼ିକର ଅନୁରୋଧରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି (ଏଚ୍ପିସି) ଦ୍ୱାରା ପ୍ରକୃତ ବିଚାର ଆଧାରରେ ଲାଗୁ ଜୋରିମାନା କରିବା ଆଦେଶ ସମ୍ବନ୍ଧରେ ଥିଲା, ଯଦିଓ ଏହା ମୂଳତଃ ଲାଗୁ କରାଯାଇଥିବା ଜୋରିମାନାଠାରୁ ଅଧିକ ଜୋରିମାନା ଲାଗୁ କରିଥାଏ । ପ୍ରଶ୍ନ ହେଉଛି ପ୍ରତିଷ୍ଠାନ ଦ୍ୱାରା ଉପସ୍ଥାପିତ ଦସ୍ତାବିଜ ଆଧାରରେ ଲାଗୁ ହୋଇଥିବା ଏପରି ଜୋରିମାନା ଏବଂ/କିମ୍ବା ଅତିରିକ୍ତ ଜୋରିମାନା ବୈଧ ଏବଂ ଗ୍ରହଣୀୟ କି ?

ବିଭିନ୍ନ ଉତ୍ସରୁ ତଥ୍ୟ ଏବଂ ବିଶେଷଜ୍ଞଙ୍କ ପରାମର୍ଶ ପାଇବା ପରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ସାଧାରଣ ପୁନରୁଦ୍ଧାର ମାନ ସ୍ଥିର କରିଥିଲେ । ଏହିପରି ନିର୍ଦ୍ଧାରିତ ମାନଦଣ୍ଡ ଦର୍ଶାଇଥିଲା ଯେ କାଠରୁ କେତେ ପରିମାଣର ପତଳା କାଠ ଇତ୍ୟାଦି ଉଦ୍ଧାର କରାଯାଇପାରିବ ଏବଂ ସେହି ଆଧାରରେ ଏହା ବିଭିନ୍ନ ପ୍ରତିଷ୍ଠାନର ନଥି ଯାଞ୍ଚ କରିବାକୁ ଅଗ୍ରସର ହୋଇଥିଲେ ଏବଂ ତା 'ପରେ ସ୍ଥିର କରିଥିଲେ ଯେ ବେଆଇନ କାଠର ବ୍ୟବହାରକୁ ସୂଚିତ କରୁଥିବା ଅତିରିକ୍ତ ଉତ୍ପାଦନ ହୋଇଛି କି ନାହିଁ ଏବଂ ଏହିପରି ଭାବରେ ଜୋରିମାନା ଏବଂ/କିମ୍ବା ଅତିରିକ୍ତ ଜୋରିମାନା ଲାଗୁ କରିବା ଯଥାର୍ଥ ହେବ ।

ପକ୍ଷମାନଙ୍କ ପାଇଁ ବିଦ୍ୱାନ ପରାମର୍ଶଦାତାଙ୍କୁ ଶୁଣିବା ପରେ, ଆମେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ଗ୍ରହଣ କରାଯାଇଥିବା ମାନଦଣ୍ଡ ସହିତ ସହମତ । ଆମେ ଏହା ମଧ୍ୟ ବିଚାର କରୁଛୁ ଯେ ପ୍ରତିଷ୍ଠାନ ଗୁଡିକ ଦ୍ୱାରା ଉପସ୍ଥାପିତ ଦସ୍ତାବିଜ ଏବଂ ନଥି ଆଧାରରେ, ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ମୂଳତଃ ଲାଗୁ କରାଯାଇଥିବା ଜୋରିମାନା ଯେପର୍ଯ୍ୟନ୍ତ ଏହିପରି ଉପସ୍ଥାପିତ ନଥି ଉପରେ ଆଧାରିତ, ସେପର୍ଯ୍ୟନ୍ତ ମୂଳ ଜୋରିମାନା ଠାରୁ ଅଧିକ ଜୋରିମାନା ଲାଗୁ କରିବାର ଅଧିକାରୀ ଥିଲା ଏବଂ ରହିବ ।

1998 ମସିହା ଜାନୁଆରୀ 15 ତାରିଖ କିମ୍ବା ତା 'ପୂର୍ବରୁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ନିର୍ଦ୍ଦେଶ ଦିଆଯାଇନଥିବା ମାମଲା ଗୁଡିକ ସମ୍ବନ୍ଧରେ ଏକ ପ୍ରଶ୍ନ ଉଠିଛି । ଡିସେମ୍ବର, 1996 ତାରିଖର ଏହି ନ୍ୟାୟାଳୟଙ୍କର ଆଦେଶରେ ଏହା ଅନୁମାନ କରାଯାଇଥିଲା ଯେ 15 ଜାନୁଆରୀ, 1998 ସୁଦ୍ଧା ଦସ୍ତାବିଜ ଗୁଡିକ ଦାଖଲ କରାଯାଇଥିଲା ଏବଂ ଆଦେଶ ପାରିତ କରାଯାଇଥିଲା । ଏହା ସମ୍ଭବ ହୋଇପାରେ ଯେ କାର୍ଯ୍ୟର ବହୁଳତା ହେତୁ, ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ହୁଏତ 15 ଜାନୁଆରୀ, 1998 ସୁଦ୍ଧା ନିର୍ଦ୍ଦେଶ ପାରିତ କରିବାରେ ସକ୍ଷମ ହୋଇନଥାଇପାରେ ଯଦିଓ ସେହି ତାରିଖ ସୁଦ୍ଧା ଉଚ୍ଚ କ୍ଷମତା ସମ୍ପନ୍ନ କମିଟିକୁ ଦସ୍ତାବିଜ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ସାମଗ୍ରୀ ଦାଖଲ

କରାଯାଇଥିଲା । ତେଣୁ, ଆମେ ଏହା ସ୍ପଷ୍ଟ କରୁଛୁ ଯେ 1998 ମସିହା ଜାନୁଆରୀ 15 ତାରିଖ ସୁଦ୍ଧା ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ସମ୍ମୁଖରେ ପ୍ରତ୍ୟେକ ମାମଲାରେ ରଖାଯାଇଥିବା ଦସ୍ତାବିଜ ଏବଂ ସାମଗ୍ରୀ ଯାଞ୍ଚ କରିବା ଏବଂ ଆଦେଶ ପାରିତ କରିବାର ଅଧିକାର ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ନିକଟରେ ରହିବ । ଆମେ ଆହୁରି ସ୍ପଷ୍ଟ କରୁଛୁ ଯେ ଯେଉଁଠାରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା କୌଣସି ଜୋରିମାନା ଏବଂ/କିମ୍ବା ଅତିରିକ୍ତ ଜୋରିମାନା ଲାଗୁ କରାଯାଇଛି, ସମ୍ପୃକ୍ତ ପ୍ରତିଷ୍ଠାନ ନିକଟରେ ମାମଲାର ନୂତନ ଭାବରେ ଯାଞ୍ଚ କରିବାକୁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ନିକଟକୁ ଯିବାର ଅଧିକାର ରହିବ । ଡିସେମ୍ବର 1996 ର ଆଦେଶର ଅନୁଚ୍ଛେଦ 14 ର ସଂଶୋଧନରେ, ଆମେ ଯେକୌଣସି ପ୍ରତିଷ୍ଠାନ ଯାହା ସମ୍ବନ୍ଧରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ଜୋରିମାନା ଏବଂ/କିମ୍ବା ଅତିରିକ୍ତ ଜୋରିମାନା ଆଦାୟ କରାଯାଇଛି,ଏହାକୁ ଅନୁମତି ଦେଉଛୁ ଯେ ଏହା ଉପସ୍ଥାପନ କରିବାକୁ ଚାହୁଁଥିବା ସାମଗ୍ରୀ ଆଧାରରେ ପୁନର୍ବିଚାର ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ନିକଟକୁ ଯାଇପାରିବେ, ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ନିକଟରେ ଏହି ଅନୁରୋଧ ଦ୍ୱାରା ଆଦେଶ ପାରିତ ହେବାର ଏକ ମାସ ମଧ୍ୟରେ କିମ୍ବା ସେହି କ୍ଷେତ୍ରରେ ଯେଉଁଠାରେ ଆଦେଶ ପାରିତ ହୋଇସାରିଛି, ଆଜିଠାରୁ ଏକ ମାସ ମଧ୍ୟରେ ପ୍ରତିଷ୍ଠାନ ଦ୍ୱାରା କରାଯିବ ।

ଯେହେତୁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଫଳତଃ ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟ ସମ୍ପାଦନ କରୁଥିବେ, ତେଣୁ ଏହା ଉପଯୁକ୍ତ ହେବ ଯେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଏହା 'ଦ୍ୱାରା ପାରିତ ଆଦେଶ ସମର୍ଥନରେ ସଂକ୍ଷିପ୍ତରେ କାରଣ ଦର୍ଶାଇବ ।

ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, 1998 ମସିହା ଫେବୃଆରୀ ମାସ 9 ତାରିଖ ପରେ ଯେଉଁ ସ୍ଥାନରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି କୌଣସି ପ୍ରତିଷ୍ଠାନକୁ ମଞ୍ଜୁରି ଦେଇଛି, ସେହି ପ୍ରତିଷ୍ଠାନ ନିକଟରେ ପୁନଃସ୍ଥାପନ କରିବାର ଅଧିକାର ରହିବ ।

ତେବେ ଏହା ସ୍ପଷ୍ଟ କରାଯାଇଛି ଯେ 15 ଜାନୁଆରୀ, 1998 ପୂର୍ବରୁ ନଥି ଏବଂ ବିବରଣୀ ପ୍ରଦାନ କରିନଥିବା କୌଣସି ପ୍ରତିଷ୍ଠାନ ଏହି ଆଦେଶର ଲାଭ ପାଇବାକୁ ହକଦାର ହେବେ ନାହିଁ ।

ଏହି I.Aର ସମାଧାନ କରାଗଲା ।

ଆର୍.ପି ଆବେଦନର ସମାଧାନ କରାଗାଲ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।